# ଷ୍ଟେଟ୍ ଲୋଡ୍ ଡେସ୍ପାଚ୍ ସେଣ୍ଟର (ଏସ୍ଏଲ୍ଡିସି)

# ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

OPTCL
Lifeline of Odisha

(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

ଗ୍ରୀଡ଼କୋ କଲୋନୀ, ପୋ: ମଞ୍ଚେଶ୍ୱର ରେଲୱେ କଲୋନୀ, ଭୁବନେଶ୍ୱର-୭୫୧ ୦୧୭, ଓଡ଼ିଶା

CIN : U40102OR2004SGC007553

## ଆର୍ଥିକ ବର୍ଷ ୨୦୨୨-୨୩ ନିମନ୍ତେ ଷ୍ଟେଟ୍ ଲୋଡ ଡେସ୍ପାଚ୍ ସେଣ୍ଟର (ଏସ୍ଏଲ୍ଡିସି) ପାଇଁ ଫି ଏବଂ ଶୁଳ୍କ ସମ୍ବନ୍ଧୀୟ ବିଜ୍ଞପ୍ତି

### ତା.୦୧.୦୪.୨୦୨୨ ରିଖରୁ ଲାଗୁହେବା ନିମନ୍ତେ ଏସ୍ଏଲ୍ଡିସି ଫି ଏବଂ ଶୁଳ୍କ

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ତା.୨୪.୦୩.୨୦୨୨ ରିଖରେ ମାମଲା ସଂଖ୍ୟା ୧୦୬/୨୦୨୧ ରେ ତା.୦୧.୦୪.୨୦୨୨ ରିଖରୁ ଲାଗୁ ହେବା ନିମନ୍ତେ ଏସ୍ଏଲ୍ଡିସି କାର୍ଯ୍ୟ ପାଇଁ ଫି ଓ ଶୁଳ୍କ ନିର୍ଦ୍ଧାରଣ ସମ୍ବନ୍ଧୀୟ ଆଦେଶନାମା ପ୍ରଦାନ କରିଛନ୍ତି ।

ଓଇଆର୍ସି (ବ୍ୟବସାୟ ପରିଚାଳନା) ବିନିୟମ, ୨୦୦୪ ଅନ୍ତର୍ଗତ ବିନିୟମ ୫୭ ଅନୁଯାୟୀ ଏସ୍ଏଲ୍ଡିସି ଏତଦ୍ୱାରା ନିଜର କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ତାଲିକାର ପ୍ରକାଶନ କରୁଅଛି ।

### ଏସ୍ଏଲ୍ଡିସି କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ତାଲିକା

୧. ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ଏସ୍ଏଲ୍ଡିସ କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ନିମ୍ନମତେ ହେବ ।

**(କ) ଏସ୍ଏଲ୍ଡିସି କାର୍ଯ୍ୟ ସମ୍ପାଦନ ନିମନ୍ତେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ ଓ ସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍ ଓ ସି) ଭରଣା**

ଆର୍ଥିକ ବର୍ଷ ୨୦୨୨-୨୩ ନିମନ୍ତେ ଆନ୍ତଃରାଜ୍ୟ ସରବରାହ ବ୍ୟବସ୍ଥା ଏବଂ ଏସ୍ଏଲ୍ଡିସିର ସେବା ଉପଲବ୍ଧ ପାଇଁ ସମସ୍ତ ବ୍ୟବହାରକାରୀ ଯଥା ବିତରଣ ସଂସ୍ଥା, କ୍ରେତା, ଉତ୍ପାଦନ କେନ୍ଦ୍ର (ସିଜିପି ସହିତ) ଓ ବିକ୍ରେତାମାନଙ୍କଠାରୁ ବ୍ୟବସ୍ଥା ପରିଚାଳନା ଶୁଳ୍କ ଓ ବଜାର ପରିଚାଳନା ଶୁଳ୍କ ଏବଂ ଆନ୍ତଃରାଜ୍ୟ ସରବରାହ ଲାଇସେନ୍ସଧାରୀ (ଓପିଟିସିଏଲ୍) ଠାରୁ କେବଳ ବ୍ୟବସ୍ଥା ପରିଚାଳନା ଶୁଳ୍କ ଏସ୍ଏଲ୍ଡିସି ବିଲ୍ ପ୍ରଦାନ କରି ଆଦାୟ କରିବ ।

**ଆର୍ଥିକ ବର୍ଷ ୨୦୨୨-୨୩ ନିମନ୍ତେ ଏଆର୍ଆର୍ ଓ ବାର୍ଷିକ ଏବଂ ମାସିକ ଶୁଳ୍କ**

(ଟଙ୍କା ଲକ୍ଷରେ)

| କ୍ର. ସଂ. | ବିବରଣୀ | ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ମଞ୍ଜୁରୀ | |
|---|---|---|---|
| | | ବାର୍ଷିକ | ମାସିକ |
| ୧. | ଏସ୍ଏଲ୍ଡିସି ର ଏଆର୍ଆର୍ | ୧୧୪୯.୬୦୪ | ୯୫.୮୦ |
| ୨. | ଆନ୍ତଃରାଜ୍ୟ ସରବରାହ ଲାଇସେନ୍ସଧାରୀ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ଓସି) ଏସ୍ଏଲ୍ଡିସି ନିକଟରେ ଦାଖଲ କରିବେ | ୯୧.୯୬୮ | ୭.୬୬୪ |
| ୩. | ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଓ ବିକ୍ରେତାମାନେ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ଓସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍ଓସି) ଏସ୍ଏଲ୍ଡିସି ନିକଟରେ ଦାଖଲ କରିବେ (୬୧୬୭.୪୪ ମେଗାୱାଟ୍ ଉତ୍ପାଦନ କ୍ଷମତାକୁ ନେଇ ମେଗା ୱାଟ୍ ପ୍ରତି ଟଙ୍କା ହିସାବ କରାଯାଇଅଛି) | ୫୨୮.୮୧୮<br>(ଟ.୮୫୭୪.୩୫୨ ମେଗା ୱାଟ୍ ପ୍ରତି) | ୪୪.୦୬୮<br>(ଟ.୭୧୪.୫୨୯ ମେଗା ୱାଟ୍ ପ୍ରତି) |
| ୪. | ବିତରଣ ଲାଇସେନ୍ସଧାରୀ ଓ କ୍ରେତାମାନେ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ଓସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍ଓସି) ଏସ୍ଏଲ୍ଡିସି ନିକଟରେ ଦାଖଲ କରିବେ | ୫୨୮.୮୧୮ | ୪୪.୦୬୮ |
| ୫. | (i) ଟିପିସିଓଡିଏଲ୍ | ୧୭୫.୪୯୬ | ୧୪.୬୨୫ |
| | (ii) ଟିପିଏନ୍ଓଡିଏଲ୍ | ୧୦୭.୯୧୫ | ୮.୯୯୩ |
| | (iii) ଟିପିଡବ୍ଲ୍ୟୁଓଡିଏଲ୍ | ୧୬୬.୭୧୨ | ୧୩.୮୯୩ |
| | (iv) ଟିପିଏସ୍ଓଡିଏଲ୍ | ୭୮.୬୯୫ | ୬.୫୫୮ |

**(ଖ) ଦରଖାସ୍ତ ଫି ଏବଂ ତାଲିକା ପ୍ରସ୍ତୁତି ଶୁଳ୍କ :**
ରାଜ୍ୟ ମଧ୍ୟରେ ଅବସ୍ଥାପିତ ସରବରାହ ବ୍ୟବସ୍ଥାର ବ୍ୟବହାର ଏବଂ ଆନୁସଙ୍ଗିକ ସେବା ନିମନ୍ତେ ଏସ୍.ଏଲ୍.ଡ଼.ସି. ମୁକ୍ତ ପ୍ରବେଶ ଗ୍ରାହକମାନଙ୍କଠାରୁ ଓଇଆରସି (ଆନ୍ତଃରାଜ୍ୟ ମୁକ୍ତ ପ୍ରବେଶ ସର୍ତ୍ତ ଓ ନିୟମାବଳୀ) ବିନିୟମ ୨୦୨୦ ଅନୁଯାୟୀ ଆବେଦନ ପତ୍ର ଫି ଏବଂ ସାରଣୀ ପ୍ରସ୍ତୁତ ଶୁଳ୍କ ଆଦାୟ କରିବ ।

**(ଗ) ସିକ୍ୟୁରିଟି ଡ଼ିପୋଜିଟ୍ :** ସମସ୍ତ ଗ୍ରାହକ (ବିତରଣକାରୀ ସଂସ୍ଥାମାନଙ୍କ ବ୍ୟତିତ)ଦୁଇମାସର ପ୍ରଯୁଜ୍ୟ ବ୍ୟବସ୍ଥା ପରିଚାଳନା ଓ ବଜାର ପରିଚାଳନା ଶୁଳ୍କ ପରିମାଣ ରାଶି ନିର୍ଦ୍ଧାରିତ ଦେୟ ପ୍ରଦାନ ବିଫଳତା ଜନିତ ସିକ୍ୟୁରିଟି ବାବଦରେ ଅଗ୍ରୀମ ପ୍ରଦାନ କରିବେ ।

**(ଘ) ପଞ୍ଜୀକରଣ ଫି :** ଏସ୍ଏଲ୍ଡିସି ସମସ୍ତ ରାଜ୍ୟମଧ୍ୟସ୍ଥ ସରବରାହ ବ୍ୟବସ୍ଥା ଓ ଏହାର ଆନୁସଙ୍ଗିକ ସେବା ବ୍ୟବହାରକାରୀ ମାନଙ୍କଠାରୁ ଏକଥର ପାଇଁ ୧.୦୦ ଲକ୍ଷ ଟଙ୍କା ପ୍ରତି ବ୍ୟବହାରକାରୀ ମାନଙ୍କଠାରୁ ପଞ୍ଜୀକରଣ ଶୁଳ୍କ ଆଦାୟ କରିବ ।

**(ଙ) ବିଳମ୍ବ-ଦେୟ ଅଧିଶୁଳ୍କ :** ଗ୍ରାହକମାନେ ବିଲ୍ ପରିମାଣ, ବିଲ୍ ପ୍ରସ୍ତୁତି ଦିବସର ୬୦ ଦିନ ପରେ ପ୍ରଦାନ କଲେ, ଏସ୍ଏଲ୍ଡିସି ଅନାଦେୟ ବିଲ୍ ପରିମାଣ ଉପରେ ମାସ ପ୍ରତି ୧.୨୫% ହିସାବରେ ବିଳମ୍ବ-ଦେୟ ଅଧିଶୁଳ୍କ ଆଦାୟ କରିବ ।

**୨.** ଉପରିସ୍ଥ ପାରା ୧ରେ ଦର୍ଶାଯାଇଥିବା ଏସ୍ଏଲ୍ଡିସି କାର୍ଯ୍ୟ ସମ୍ପାଦନ ନିମନ୍ତେ ଫି ଏବଂ ଶୁଳ୍କ ତା.୦୧.୦୪.୨୦୨୨ ରିଖରୁ କାର୍ଯ୍ୟକାରୀ ହେବ ଏବଂ ଆୟୋଗଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ।

**୩.** ଆୟୋଗଙ୍କ ବିସ୍ତୃତ ଆଦେଶନାମା ତାଙ୍କର ୱେବ୍ସାଇଟ୍ **www.orierc.org**, ଓପିଟିସିଏଲ୍ର ୱେବ୍ସାଇଟ୍ **www.optcl.co.in** ଏବଂ ଏସ୍ଏଲ୍ଡିସିର ୱେବ୍ସାଇଟ୍ **www.sldcorissa.org.in** ରେ ଉପଲବ୍ଧ ।

ଭୁବନେଶ୍ୱର
ତା.୨୪.୦୩.୨୦୨୨

ସ୍ୱା/-
ଚିଫ୍ ଲୋଡ୍ ଡେସ୍ପାଚର, ଏସ୍ଏଲ୍ଡିସି, ଓପିଟିସିଏଲ୍

Size : 12 cm (w) x 20 cm (h)